# ଆମେରିକାରେ ଅବସ୍ଥାପିତ ଓଡ଼ିଆ ପ୍ରଫେସର ସମ୍ମାନିତ

ଭୁବନେଶ୍ୱର, ୨୮/୧ (ଇମିସ): ଆମେରିକାରେ କାର୍ଯ୍ୟରତ ଓଡ଼ିଆ ଶିକ୍ଷାବିତ୍ ପ୍ରଫେସର ସରଜୁ ମହାନ୍ତି ୨୦୧୭ ମସିହା ପାଇଁ ମର୍ଯ୍ୟାଦାଜନକ 'ଗ୍ଲୋରିଅସ୍ ଇଣ୍ଡିଆ ଆୱାର୍ଡ' ପୁରସ୍କାର ପାଇଛନ୍ତି। ବୈଷୟିକ ଶିକ୍ଷା କ୍ଷେତ୍ରରେ ପାରିଦର୍ଶିତା ତଥା ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ୨୦୧୭ ମସିହା ପାଇଁ ସମ୍ମାନିତ ୪୨ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରଫେସର ମହାନ୍ତି ଏକମାତ୍ର ଓଡ଼ିଆ ଅଟନ୍ତି। ପ୍ରଫେସର ମହାନ୍ତି ଆଇଇଇଇ ଦ୍ୱାରା ବିଶିଷ୍ଟ ବକ୍ତା ଭାବେ ମନୋନୀତ ହୋଇଛନ୍ତି ଏବଂ ସେ ମଧ୍ୟ ଆଇଇଇଇ କଞ୍ଜ୍ୟୁମର୍ ଇଲେକ୍ଟ୍ରୋନିକ୍ସ ପତ୍ରିକାର ମୁଖ୍ୟ ସମ୍ପାଦକ ଅଛନ୍ତି। ସେ ବର୍ତ୍ତମାନ ଆମେରିକାସ୍ଥିତ ନର୍ଥ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ। ତାଙ୍କ ଘର ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର ଅଞ୍ଚଳରେ। ଏହି ସଫଳତା ପାଇଁ କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗର ପ୍ରଫେସର ନିରଞ୍ଜନ ରାୟ ଓ ବୈଷୟିକ ଶିକ୍ଷା ସୁରକ୍ଷା ମଞ୍ଚର ସଭାପତି ତପନ ଭଞ୍ଜ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।